# ସ୍ୱାଧୀନତା ସଂଗ୍ରାମରେ ଜନଜାତି

ଡକ୍ଟର ଜନ୍ମେଜୟ ଚୌଧୁରୀ

**ବିଂ**ଶ ଶତାବ୍ଦୀର ଅଦ୍ୟପାଦ ଥିଲା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ । ଏ ସମୟରେ ଇଂରେଜ ସାମ୍ରାଜ୍ୟ ବିରୁଦ୍ଧରେ ଭାରତର କୋଣ ଅନୁକୋଣ ପ୍ରକମ୍ପିତ ହେଉଥିଲା । ଯେତେବେଳେ ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଇଂରେଜମାନେ ଓଡ଼ିଶା ଦଖଲ କଲେ, ସେତେବେଳେ ପ୍ରଥମରୁ ହିଁ ଏହି ବିଦେଶୀମାନଙ୍କୁ ଦୃଢ଼ ପ୍ରତିରୋଧ କରିଥିଲେ ଓଡ଼ିଶାର ଗିରିକନ୍ଦରବାସୀ ଦୁର୍ଦ୍ଧର୍ଷ କନ୍ଧ ଆଦିବାସୀ । ଦକ୍ଷିଣ ଓଡ଼ିଶାର ଘୁମୁସର, ପାରଳାଖେମୁଣ୍ଡି, ମହୁରୀ, ସୁରଙ୍ଗ, ଖଲିକୋଟ ଓ ଉତ୍ତର ଓଡ଼ିଶାର ମୟୂରଭଞ୍ଜ ପ୍ରଭୃତି ସ୍ଥାନରେ ପ୍ରାକ୍ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଥିଲା । ଖୋର୍ଦ୍ଧା ପାଇକ ବିଦ୍ରୋହର ବହୁ ପୂର୍ବରୁ ଏ ସମସ୍ତ ସ୍ଥାନରେ ସ୍ୱାଧୀନତା ଆନ୍ଦୋଳନ ତେଜି ଉଠିଥିଲା । ୧୭୬୬ ମସିହାରେ ଘୁମୁସର ରାଜା କୃଷ୍ଣଭଞ୍ଜଙ୍କ ବିଦେଶୀ ବିରୋଧୀ ସଂଗ୍ରାମ ଥିଲା ପ୍ରଥମ ପଦକ୍ଷେପ । ଏଥିରେ ହଜାର ହଜାର ସଂଖ୍ୟାର ଆଦିବାସୀମାନେ ଦେଶ ପାଇଁ ହସି ହସି ପ୍ରାଣବଳି ଦେବାକୁ ଆଗେଇ ଆସିଥିଲେ । ଠିକ୍ ତା'ପରେ ଘୁମୁସର ମାଟିରେ ମହାବିଦ୍ରୋହୀ କମଳ ଦୋରା ବିଷୋଇ ଓ ତାଙ୍କ ପୁତୁରା ଚକରା ବିଷୋଇଙ୍କ ରଣ ସଂଗ୍ରାମ ଇଂଲଣ୍ଡ ସଂସଦରେ ଏକ କମ୍ପନ ସୃଷ୍ଟି କରିଥିଲା । ବର୍ଷ ବର୍ଷ ଧରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ସ୍ୱାଧୀନତା ସଂଗ୍ରାମ ଅବ୍ୟାହତ ରହିଲା । ଅନେକ ଅଖ୍ୟାତ ଅଜ୍ଞାତ ବୀର କନ୍ଧ ଆଦିବାସୀ ଦେଶର ମୁକ୍ତିଲାଗି ପ୍ରାଣବଳି ଦେଲେ । ପରେ ୧୮୧୬ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଗଠିତ ହେଲା ବିଶ୍ୱ ପ୍ରସିଦ୍ଧ ଇଂରେଜ ବିରୋଧୀ ପାଇକ ବିଦ୍ରୋହ । ଇଂରେଜ ଶାସକଙ୍କର ଅନ୍ୟାୟ ଓ ଅମାନୁଷିକ ଅତ୍ୟାଚାର ବିରୁଦ୍ଧରେ ୧୮୧୬ ମସିହାରେ ଓଡ଼ିଶାର ପାଇକ ବିଦ୍ରୋହ ସର୍ବପ୍ରଥମେ ମୁଣ୍ଡଟେକି ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ଆଲୋକ ଶିଖା ପ୍ରଜ୍ଜ୍ୱଳିତ କରିଥିଲା । ବକ୍ସିଙ୍କ ଅନୁରୋଧକ୍ରମେ ଘୁମୁସର ଅଞ୍ଚଳରୁ ୪୦୦ କନ୍ଧ ଆଦିବାସୀ ଅତର୍କିତ ଭାବରେ ବାଣପୁର ଆସି ସରକାରୀ କାର୍ଯ୍ୟାଳୟ ଉପରେ ଚଡ଼ାଉ କଲେ ଓ ଟ୍ରେଜେରୀ ଆଦି ଲୁଣ୍ଠନ କଲେ । ଲେଫଟ୍‌ନାଣ୍ଟ ପେରିସ୍ ବିଦ୍ରୋହୀମାନଙ୍କୁ ହତ୍ୟାକଲେ । ଭୟଙ୍କର ସଂଘର୍ଷର ସୂତ୍ରପାତ ହେଲା । ରକ୍ତର ସ୍ରୋତ ବୋହି ଗଲା । ଇଂରେଜ ସୈନ୍ୟର ଅତ୍ୟାଧୁନିକ ଅସ୍ତ୍ର ପ୍ରୟୋଗରେ ଅନେକ ଦେଶପ୍ରେମୀ କନ୍ଧ ଆଦିବାସୀ ହସି ହସି ଶହୀଦ ହେଲେ । ଏହିପରି ଅଧୁନା ଖୋର୍ଦ୍ଧା ଜିଲ୍ଲାର ବାଣପୁର ଅଞ୍ଚଳରେ ସଂଗଠିତ ପଞ୍ଚୁଆ ଫିତୁରୀ ବା କନ୍ଧପାଣ ମେଳି ଓଡ଼ିଶାର ସାମରିକ ଇତିହାସରେ ଅନ୍ୟ ଏକ ଲୁକ୍‌କାୟିତ ରକ୍ତାକ୍ତ ବିଷୟ ଥିଲା । ରୋଡ଼ଙ୍ଗର ପାଇକ ବିଦ୍ରୋହୀ ପଞ୍ଚୁନାୟକ ଓରଫ ରାଜା ଶରଣ ସିଂହଙ୍କ ସହ ହାତ ମିଳାଇ କନ୍ଧ ଯୁବକ ଲୋଚନ ବିଷୋଇ ଓ ଦଳବେହେରା କୃତିବାସ ପାଟ୍ଟଶାଣୀ ତିନିଦିନ ପାଇଁ ବାଣପୁରରେ ସ୍ୱାଧୀନତା ପ୍ରତିଷ୍ଠା କରି ଏହାର ଫଳ ସ୍ୱରୂପ ଏହି ତିନି ବିଦ୍ରୋହୀଙ୍କୁ କଳାପାଣି ଯିବାକୁ ପଡ଼ିଥିଲା ଓ ଫାଶୀ ମଧ୍ୟ ମିଳିଥିଲା ।

ଅନୁଗୋଳ ରାଜା ସୋମନାଥ ସିଂହ ଜଗଦେବଙ୍କ ଦ୍ୱାରା ୧୮୪୭ରେ ଆରମ୍ଭ ହୋଇଥିବା ଇଂରେଜ ବିରୋଧୀ ଆନ୍ଦୋଳନରେ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିଥିଲେ ଅନୁଗୋଳର ଦେଶଭକ୍ତ କନ୍ଧ ଜନଜାତି । ଏହିପରି ୧୮୫୭ ମସିହାରେ ସିପାହୀ ବିଦ୍ରୋହର ପରିପେକ୍ଷୀରେ ମହାନ ବୀର ସୁରେନ୍ଦ୍ର ସାଏଙ୍କ ସହିତ ଯୋଗ ଦେଇଥିଲେ ଅନେକ ଆଦିବାସୀ ଗୌନ୍ତିଆ । ଏହାର ପ୍ରଧାନ ଥିଲେ ଘୁସୁଦାର ଗୌନ୍ତିଆ ମଧୁ । ବାମଣ୍ଡାରୁ କନ୍ଧନେତା କୃପାସିନ୍ଧୁ ମଧ୍ୟ ସୁରେନ୍ଦ୍ର ସାଏଙ୍କୁ ସାହାଯ୍ୟ କରିଥିଲେ । ୧୮୬୦ ମସିହାରେ ଅବିଭକ୍ତ କୋରାପୁଟ ଜିଲ୍ଲାର ପୁଟାସିଂ ଥାନାର ପୋଲିସ ଏସ୍.ଆଇ ଜଣେ ସୌରା ଆଦିବାସୀ ସଂଗ୍ରାମୀଙ୍କୁ ଗିରଫ କରିବା ଯୋଗୁଁ ସୌରା ଆଦିବାସୀମାନେ ଥାନା ଉପରେ ହଠାତ୍ ଆକ୍ରମଣ କରି ଚାରି ଜଣ ସିପାହୀଙ୍କୁ ହତ୍ୟା କଲେ । ୧୮୬୮ ମସିହାରେ କେନ୍ଦୁଝରର ପ୍ରଖ୍ୟାତ ମୁକ୍ତି ସଂଗ୍ରାମୀ ରତ୍ନା ନାୟକଙ୍କ ମେଳି ଭାରତର ଇଂରେଜ ଶାସନ ଗୋଷ୍ଠୀର ଚିନ୍ତାର କାରଣ ହୋଇଥିଲା । ମାତ୍ର ପରେ ସେ ଫାଶୀ ଦଣ୍ଡ ପାଇଥିଲେ । ୧୮୭୯ ମସିହାରେ ରମ୍ପା ଫିତୁରୀ ଯେଉଁ ବିଦ୍ରୋହ ଆରମ୍ଭ କରିଥିଲେ, ତାହା ଅବିଭକ୍ତ କୋରାପୁଟ ଜିଲ୍ଲାକୁ ପରିବ୍ୟାପ୍ତ ହୋଇଥିଲା । ଏ ଅଞ୍ଚଳରେ ସେତେବେଳକୁ ମଧ୍ୟ ଆଦିବାସୀ ବୀର ତାମା ଦୋରା ଚାଞ୍ଚଲ୍ୟ ଖେଳାଇ ଦେଇଥିଲା । ୧୮୮୨ ମସିହାରେ କଳାହାଣ୍ଡିର ରାଜା ଉଦୟ ପ୍ରତାପଙ୍କ ଦେହାନ୍ତ ପରେ ଏଠାରେ ଇଂରେଜ କୁଶାସନ ବିରୁଦ୍ଧରେ ସ୍ୱରୋଉଳନ କରିଥିଲେ ଆଦିବାସୀ ବିପ୍ଲବୀ କମଲ ମାଝି । ଏଥିରେ ମଧ୍ୟ କନ୍ଧ

ଜନଜାତି ସାମିଲ ହୋଇ ଆଦିବାସୀ ଗାଁଗୁଡ଼ିକରେ ଅଗ୍ନି ସଂଯୋଗ କରିଥିଲେ । ୧୮୯୧ ମସିହାରେ ମଧ ଭୂୟାଁ ସର୍ଦ୍ଦାର ଧରଣୀଧରଙ୍କ ମେଳି ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ।

ଏ ସମସ୍ତ ନାଟକର ପରିଚାଳନା ସମୟରେ ୧୮୯୪ ମସିହାରେ ସୁନ୍ଦରଗଡ଼ଠାରୁ ଚାଇଁବସା ଓ ରାଞ୍ଚି ପର୍ଯ୍ୟନ୍ତ ଦେଶପ୍ରେମୀ ବିର୍ସା ମୁଣ୍ଡାଙ୍କ ବଳିଷ୍ଠ ନେତୃତ୍ୱରେ ସ୍ୱାଧୀନତା ବିପ୍ଳବର ତରଙ୍ଗ ଖେଳି ଯାଇଥିଲା । ବିର୍ସାଙ୍କ ଗଣ ସଂଗ୍ରାମର ଆହ୍ୱାନରେ ସହସ୍ରାଧିକ ଆଦିବାସୀ ମୁଣ୍ଡା ପରିବାର ଆବାଳ-ବୃଦ୍ଧ-ବନିତା ଖାଦ୍ୟ ସାମଗ୍ରୀ ସହ ଧନୁତୀର, ବର୍ଚ୍ଛା, ନିଆଁହୁଳା ଧରି ୩୦୦ ଫୁଟ ଉଚ୍ଚ ଡୋମ୍ବାରୀ ପାହାଡ଼ ଉପରେ ସଂଗ୍ରାମ ପାଇଁ ପ୍ରସ୍ତୁତ ହୋଇଥିଲେ । ଜାନୁଆରୀ ୧ ତାରିଖ ଦିନ ଡୋମ୍ବାରୀ ପାହାଡ଼ର ବକ୍ଷରେ ସଂଗ୍ରାମୀମାନଙ୍କୁ ବିର୍ସାମୁଣ୍ଡା ଓ ତାଙ୍କରି ପଟ୍ଟଶିଷ୍ୟ ନରସିଂହ ମୁଣ୍ଡା ଉଦ୍‌ବୋଧନ ଦେବା ସମୟରେ ଡି.ଏସ୍.ପି. ମିଃ ଫୋବର୍ସ ଓ ଡେପୁଟି କମିଶନର ଷ୍ଟ୍ରିଟ ଫିଲ୍ଡ ଦୁଇଶହ ସୈନ୍ୟ ଧରି ଡୋମ୍ବାରୀ ପାହାଡ଼କୁ ଘେରିବା ପରେ ବିଦ୍ରୋହୀମାନଙ୍କ ଆତ୍ମ ସମର୍ପଣ କରିବା ପାଇଁ ଓ ଆପୋଷ ଆଲୋଚନାର ବ୍ୟବସ୍ଥା କରିଥିଲେ । କିନ୍ତୁ ବିଦ୍ରୋହୀମାନେ ସେଥିରେ ରାଜି ନ ହୋଇ ପାହାଡ଼ ଉପରୁ ଧନୁ, ତୀର, ବର୍ଚ୍ଛା ଓ ବଡ଼ପଥର ଖଣ୍ଡରେ ସୈନ୍ୟମାନଙ୍କ ଉପରକୁ ଆକ୍ରମଣ କରିଥିଲେ । ଫଳରେ ଶତ୍ରୁପକ୍ଷ ସୈନ୍ୟମାନେ ଉତ୍ତ୍ୟକ୍ତ ହୋଇ ଗୁଳି ବର୍ଷଣ କଲେ । ସେଥିରେ ନରସିଂହ ମୁଣ୍ଡା ସମେତ ଦୁଇଶହ ଆଦିବାସୀ ସଂଗ୍ରାମୀ ଡୋମ୍ବାରୀ ପାହାଡ଼ ବକ୍ଷରେ ଟଳିପଡ଼ି ଶହୀଦ ହେଲେ । କିନ୍ତୁ ବିର୍ସା ମୁଣ୍ଡା ଅଳ୍ପକେ ଗୁଳିରୁ ରକ୍ଷା ପାଇ ଆତ୍ମଗୋପନ ପାଇଁ ଚକ୍ରଧରପୁର ଜଙ୍ଗଲକୁ ପଳାଇଗଲେ । ସରକାର ବିର୍ସାଙ୍କର କୌଣସି ସନ୍ଧାନ ନପାଇ ମୁଣ୍ଡାମାନଙ୍କୁ ନିର୍ମମ ଅତ୍ୟାଚାର କରି ସେମାନଙ୍କର ଧନ ସମ୍ପତ୍ତି ନେବା ସାଙ୍ଗକୁ ଘରମାନଙ୍କରେ ଅଗ୍ନି ସଂଯୋଗ କରି ଦେଇଥିଲେ । ସେହି ଅତ୍ୟାଚାରରୁ ମୁଣ୍ଡାମାନଙ୍କୁ ରକ୍ଷା କରିବାକୁ ଯାଇ ବିର୍ସାଙ୍କ ସହକର୍ମୀ ଡୋନକା ମୁଣ୍ଡା ଓ ମାଝିଆ ମୁଣ୍ଡା ସରକାରଙ୍କ ନିକଟରେ ଆତ୍ମସମର୍ପଣ କଲେ । ପରେ ୧୯୦୦ ମସିହାରେ ବିଶ୍ୱାସଘାତକ ଦ୍ୱୟ ଶଶୀଭୂଷଣ ରାୟ ଓ ମାଝିତା ମାରିଆଙ୍କ ଯୋଗୁଁ ବିର୍ସା ମୁଣ୍ଡା ଧରା ପଡ଼ିଥିଲେ ଏବଂ ଜେଲ୍‌ରେ ଅନେକ ନିର୍ଯ୍ୟାତନା ସହ୍ୟ କରିଥିଲେ । ଏହି ଜେଲ୍ ଭିତରେ ମଧ୍ୟ ବିର୍ସାଙ୍କୁ ଖାଦ୍ୟରେ ବିଷ ଦିଆଯାଇଥିଲା ଓ ମିଥ୍ୟା ଅଭିଯୁକ୍ତ କରାଯାଇଥିଲା । ଏହି ମହାନ୍ ବିପ୍ଳବୀ ବିର୍ସା ମୁଣ୍ଡା ଜେଲ୍ ମଧ୍ୟରେ କଲବଲ ହୋଇ ଶେଷରେ ଜୁନ ୯ ତାରିଖ ୧୯୦୦ ମସିହାରେ ପ୍ରାଣତ୍ୟାଗ କରି ନିଜକୁ ଜଣେ ମୁକ୍ତି କ୍ରାନ୍ତିର ବରେଣ୍ୟ କର୍ଣ୍ଣଧାର ରୂପେ ପ୍ରତିପାଦନ କରିପାରିଥିଲେ ।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ମୟୂରଭଞ୍ଜ ଜିଲ୍ଲାର ବିପ୍ଳବୀ ସୋନାରାମ୍ ସୋରେନ୍ ଓ ରାମଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ବେଶ ଚମକପ୍ରଦ ହୋଇଥିଲା । ୧୯୨୧ ମସିହାରେ କନିକା ଜମିଦାରୀ ଭିତରେ ମୁଣ୍ଡ ଟେକିଥିଲା କୃଷକ ଆନ୍ଦୋଳନ । ଏଥିରେ ବଳି ପଡ଼ିଥିଲେ ବିପ୍ଳବୀ ବାସୁ ସେଠୀ । ଓଡ଼ିଶାର ଛବିଶଗଡ଼ଠାରେ ବେଠି, ଭେଟି ଓ ମାଗଣ ବିରୁଦ୍ଧରେ ଅତ୍ୟାଚାରିତ ଗଡ଼ଜାତବାସୀ ଆରମ୍ଭ କରି ଦେଲେ ପ୍ରଜା ଆନ୍ଦୋଳନ । ଏହାର ସଂଗ୍ରାମୀ ଥିଲେ ଢେଙ୍କାନାଳର ବୀର ମୂଷା ମଲ୍ଲିକ । ସେ ମଧ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ନିଜର ବିଦ୍ରୋହୀ ବ୍ୟକ୍ତିତ୍ୱର ପରିଚୟ ଦେଇଥିଲେ । ୧୯୩୩ ମସିହାରେ ଗାଙ୍ଗପୁରର ଆଦିବାସୀମାନେ ସିମ୍‌କୋ ଗାଁରେ କନ୍ଧନେତା ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ସରକାରୀ କଳର ଅନ୍ୟାୟ ବିରୁଦ୍ଧରେ ସଭା କରିଥିବା ସମୟରେ ହଠାତ୍ ପୋଲିସ୍ ଗୁଳି ଚାଳନା କରିବାରୁ ଅନେକ ଆଦିବାସୀ ଦେଶଭକ୍ତ ଏହି ସଭା ସ୍ଥାନରେ ଟଳି ପଡ଼ିଥିଲେ । ଓଡ଼ିଶାର ଜନଜାତିମାନଙ୍କର ଆତ୍ମୋତ୍ସର୍ଗ ସ୍ୱାଧୀନତା ଆନ୍ଦୋଳନ ପାଇଁ ବେଶ୍ ପ୍ରଶଂସନୀୟ ଥିଲା ।

ସୁଦୂର କୋରାପୁଟରେ 'କର ବା ମର' ଧ୍ୱନି ପ୍ରତିଧ୍ୱନିତ ହେବାବେଳେ ସ୍ୱରାଜ ପାଇଁ ଆଗେଇ ଆସିଥିଲେ ପ୍ରକୃତି ପ୍ରେମୀ କନ୍ଧ ଆଦିବାସୀ ଭାଇଭଉଣୀ । ସ୍ୱାଧୀନତା ଆନ୍ଦୋଳନର ପରିପ୍ରେକ୍ଷୀରେ ମାତିଲି ଥାନା ଉପରେ ତ୍ରିରଙ୍ଗା ପତାକା ଉଡ଼ାଇବାକୁ ଯାଇ ୯ ଜଣ ଆଦିବାସୀ ପୋଲିସ ଗୁଳିରେ ଶିକାର ହେଲେ । ଆନ୍ଦୋଳନକୁ ସଫଳ କରିବା ପାଇଁ ଡାବୁଗାଁ ସଭାକୁ ଯାଉଥିବା ସମଗ୍ର କନ୍ଧ ଜନଜାତି ଦେଶ ଭକ୍ତଙ୍କ ଉପରକୁ ପୋଲିସ ଗୁଳି ଚାଳନା କରିବାରୁ ଘଟଣା ସ୍ଥଳରେ ୧୯ ଜଣ ଜନଜାତି ପ୍ରାଣ ହରାଇ ଥିଲେ । ଏଭଳି ବିଭତ୍ସ କାଣ୍ଡ ଭାରତରେ ବିରଳ ।

ଭାରତୀୟ ସ୍ୱାଧୀନତା ସଂଗ୍ରାମର ହୃଦୟ ବିଦାରକ ରକ୍ତରଞ୍ଜିତ ପୃଷ୍ଠାଗୁଡ଼ିକ ଓଲଟାଇଲେ ଦେଖାଯାଏ ଅତ୍ୟାଚାର, ଅନ୍ୟାୟ, ଅମାନୁଷିକ ଇଂରେଜ ଶକ୍ତି ବିରୁଦ୍ଧରେ ସ୍ୱରୋଉଳନ କରିଥିଲେ ସମାଜର ପ୍ରତ୍ୟେକ ଶ୍ରେଣୀର ବ୍ୟକ୍ତିବିଶେଷ । ତେବେ ଏହି ଭାବରେ ବିଚାର କଲେ ଦେଖାଯାଏ ଦେଶର ସ୍ୱାଧୀନତା ଆନ୍ଦୋଳନକୁ ଆମ ରାଜ୍ୟର କନ୍ଧ ଜନଜାତିମାନଙ୍କ ଅବଦାନ ବେଶ୍ ପ୍ରଶଂସନୀୟ ଓ ଚୀର ସ୍ମରଣୀୟ ।

ଇତିହାସ ବିଭାଗ
ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ
କାଇପଦର, ଖୋର୍ଦ୍ଧା

— — — —